## ତହସିଲ କାର୍ଯ୍ୟାଳୟ, ଲୋଇସିଂହା, ଜିଲ୍ଲା- ବଲାଙ୍ଗୀର

ବିଜ୍ଞାପନ ପତ୍ର ସଂଖ୍ୟା: 402 ତା: 15-03-2021

### ଲଘୁଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

[ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ -୨୦୧୭ ଅନୁଯାୟୀ ]

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ବଲାଙ୍ଗୀର ଜିଲ୍ଲା ଅଧିନସ୍ଥ ଲୋଇସିଂହା ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା (ସାରଣୀ-୧ ଦର୍ଶାଯାଇଥିବା) ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡ଼ିକ ୨୦୨୧-୨୨ ବର୍ଷଠାରୁ ୪ (ପାଞ୍ଚ) ବର୍ଷିୟା ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ।

ଇଚ୍ଛୁକ ବ୍ୟକ୍ତିବିଶେଷ ଫର୍ମ "M" ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତ ର ୩ (ତିନି) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା: ୩୦/୦୩/୨୦୨୧ ରେ ଦିବା ୧୦.୩୦ ଠାରୁ ସନ୍ଧ୍ୟା ୪.୩୦ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟ, ଲୋଇସିଂହାଙ୍କ କାର୍ଯ୍ୟାଳୟରେ ଥିବା (Drop Box/Tender Box) ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡ଼ିକ ତା: ୩୧/୦୩/୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରିବେ । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ "ସୈରାତ ଉତ୍ସର ନାମ" ଲେଖିବାକୁ ପଡ଼ିବ । ଦରଖାସ୍ତକାରୀ ଅଲଗା ଅଲଗା ସୈରାତ ଉତ୍ସପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଅଲଗା ଅଲଗା ଜଉମୁଦ ଲଫାପାରେ ଦାଖଲ ଦେବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୋଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇ ନଥାଏ ବା ଚୂଡ଼ାନ୍ତ ହୋଇନଥାଏ, ତେବେ ସେଗୁଡ଼ିକ ଦ୍ୱିତୀୟ ଥର ତା: ୭/୦୬/୨୦୨୧ ରିଖ ଦିବା ୪.୦୦ ଘଟିକା ସମୟ ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା: ୧୪/୦୬/୨୦୨୧ ରିଖ ଦିବା ୪.୦୦ ଘଟିକା ସମୟ ପର୍ଯ୍ୟନ୍ତ ସେହିପରି ଭାବରେ ଦାଖଲ କରିବା ହେବେ । ଦ୍ୱିତୀୟ ଥର ପାଇଁ ଗ୍ରହଣ ହୋଇଥିବା ଦରଖାସ୍ତଗୁଡ଼ିକ ତା: ୦୮/୦୬/୨୦୨୧ ରିଖ ଦିବା ୧୧.୦୦ ସମୟରେ ଓ ସେହିପରି ତୃତୀୟ ଥର ପାଇଁ ଗ୍ରହଣ ହୋଇଥିବା ଦରଖାସ୍ତଗୁଡ଼ିକ ତା: ୧୬/୦୬/୨୦୨୧ ରିଖ ଦିବା ୯.୩୦ ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ।

**ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ :-**

୧. ଦରଖାସ୍ତ ଫିସ୍ ବାବଦକୁ ଟ୍ରେଜରୀ ଚାଲାଣ ଟ. ୧୦୦୦/- (Non-refundable) *in Head of account- 0853-Non-Ferrous Mining & Metallurgical Industries 102-Mineral Concession*

୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା " ଉତ୍ସ ର ନାମ, ଖାତା ନଂ, ପ୍ଲଟ୍ ନଂ, ରକବା ଏବଂ କିସମ" ର ସଠିକ ତଥ୍ୟ ଲେଖିବା ବିଧେୟ ।

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡ଼ିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୪. Rule 27 (iv) of OMMC Rules, 2016 ମୁତାବକ ଦରଖାସ୍ତକାରୀ ନିଜେ Quote କରିଥିବା Additional Charge + Royalty) X Minimum Guaranteed Quantity (MGQ) ତତ୍ତୁଲ୍ୟ ମୂଲ୍ୟର SOLVENCY CERTIFICATE/BANK GUARANTEE ଯାହାର ଅବଧି ପରବର୍ତ୍ତୀ ୧୮ ମାସ ପର୍ଯ୍ୟନ୍ତ ବୈଧଥିବ ତାହା ଦାଖଲ କରିବା ହେବେ । ଏଥି ସହିତ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତି ର ବିବରଣୀ ପ୍ରଦାନ କରିବେ ।

୫. ସାରଣୀ -୧ ରେ ଦର୍ଶିତ ସ୍ତମ୍ଭ- ୧୧ ରେ ଲିଖିତ EMD ମୂଲ୍ୟର BANK DRAFT, Tahasildar, Loisingha & Payable at SBI, Loisingha ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସ ର ବନ୍ଦୋବସ୍ତ ସ୍ଥିରୀକୃତ ହେଲାପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

୬. ଫର୍ମ "M" ରେ ଥିବା କ୍ରମିକ ନମ୍ବର 5 ରେ Rate of Royalty (Per cubic metres) ପରିବର୍ତ୍ତେ Rate of Additional Charge (Per Cubic Metres) Quote କରିବାକୁ ପଡ଼ିବ ।

୭. Income Tax Clearance କିମ୍ବା ଗତ Assessment Year ର IT return ର ନକଲ ଯଦି ଥାଏ ଦାଖଲ କରିବେ ।

୮. କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସାକ୍ଷରକାରୀଙ୍କ ରହିଛି ।

୯. ସମସ୍ତ ଦରଖାସ୍ତକାରୀ Odisha Minor Minerals Concession Rules, 2016 ଓ Odisha Minor Minerals Concession (Amendment) Rules, 2017 & 2018 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ ।

ଏତଦ୍ ବ୍ୟତୀତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବାପାଇଁ ଅବଗତ କରାଯାଉଛି ।

୧. ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସଗୁଡ଼ିକ ପରିଦର୍ଶନ କରି ସୈରାତ୍ ଉତ୍ସ ପରିଚାଳନା ପାଇଁ ଉପଯୁକ୍ତ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବେ ।

୨. ଚଳିତ ବର୍ଷରେ ପଥର ଉତ୍ସ ପାଇଁ ପଥର ରୟାଲଟି ପ୍ରତି ଘନ ମିଟର ପିଛା (Stone Per Cubic Metre) ଟ. ୧୩୦.୦୦ ଏବଂ ବାଲି ଉତ୍ସ ପାଇଁ ବାଲି ର ରୟାଲଟି ପ୍ରତି ଘନ ମିଟର ପିଛା ଟ. ୩୫.୦୦ ଧାର୍ଯ୍ୟ ହୋଇଅଛି, ଯାହା ଅପରିବର୍ତ୍ତିତ । ମାତ୍ର ଦରଖାସ୍ତକାରୀଙ୍କୁ ସାରଣୀ-୧ ରେ ବର୍ଣ୍ଣିତ ସ୍ତମ୍ଭ -୯ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ *Additional Charge* ର ମୂଲ୍ୟ ବା ତତ୍ତୁର୍ଦ୍ଧ୍ୱ Quote କରିବା କୁ ପଡ଼ିବ । କୌଣସି ପରିସ୍ଥିତି ରେ *Additional Charge* ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର *Additional Charge* ଦାଖଲ ଦେଇଥାନ୍ତି , ତାହାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ୭ (ସାତ) ଦିନ ମଧ୍ୟରେ FORM-F ମାଧ୍ୟମରେ ଜଣାଇଦିଆଯିବ ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

୩. ନିମ୍ନଲିଖିତ ଉତ୍ସ ପାଇଁ ଉପଯୁକ୍ତ ପଦାଧିକାରୀଙ୍କଠାରୁ *Minig Plan* ମଞ୍ଜୁର ହୋଇ ଆସିଥିଲି, ଏହାର ଖର୍ଚ୍ଚ ବାବଦର ସରକାରୀ ଦେୟ ଯୋଗ୍ୟ ହିତାଧିକାରୀଙ୍କୁ ଦେବାକୁ ପଡ଼ିବ ଏବଂ ଏଥିସହ *ENVIRONMENT CLEARANCE* ର ଖର୍ଚ୍ଚ ଓ ନିର୍ଦ୍ଧାରିତ *Security Deposit* ମଧ୍ୟ ଦାଖଲ କରିବାକୁ ପଡ଼ିବ ।

୪. ଏଥିସହ Royalty/Dead Rent, Surface Rent ଆଦିର ନିର୍ଦ୍ଧାରିତ ମୂଲ୍ୟ ଦାଖଲ କରିବା ହେବେ ଏବଂ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act ଅନୁସାରେ ନିମ୍ନ ସାକ୍ଷରକାରୀଙ୍କ ସହିତ ଚୁକ୍ତିନାମା ସାକ୍ଷର କରିବେ । ଏହା ବ୍ୟତୀତ Fees for Compensatory afforestation ଏବଂ Income Tax ବାବଦକୁ ଟଙ୍କା ପୈଠ କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ଏବଂ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଲିଜ୍‌ଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ , ତାହାହେଲେ ତାଙ୍କର ଉ ରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ହେବା ପର୍ଯ୍ୟନ୍ତ ଆବଶ୍ୟକୀୟ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।

୬. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ୍ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସ ାବଳୀ ଖିଲାପ କରନ୍ତି, ତା ହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ପରିଚାଳନା ପାଇଁ ଅବଶ୍ୟକୀୟ ସରକାରୀ ଦେୟ ପୈଠ ପରେ ସୁଯୋଗ ଦିଆଯିବ ।

୭. ହିସାବ ଅନୁଯାୟୀ ରୟାଲଟି (Royalty) ଏବଂ Additional Charge ର ୫% ODISHA ENVIRONMENT MANAGEMENT FUND TRUST, BHUBANESWAR ବାବଦକୁ ନିମ୍ନ ସାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ।

୮. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ Concrete Pillar ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ସମ୍ପୃକ୍ତ ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

୯. ବାର୍ଷିକ ମୋଟ ଦେୟ ର ୨% ଲିଜ୍‌ଧାରୀ ଆୟକର (TDS) ଆକାରରେ ଟଙ୍କା ଜମା କରିବେ ।

୧୦. ଲିଜ୍ ପରେ ସୈରାତ ଉତ୍ସ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧. ଲିଜ୍ ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୨. ଚଳିତ ବର୍ଷର ଲଘୁ ଖଣିଜ ପଦାର୍ଥ ପାଇଁ Royalty/Dead Rent, Surface Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷ ର Minimum Guaranteed Quantity ଉପରେ ଆବଶ୍ୟକୀୟ ଦେୟ ପୈଠ କରିବାକୁ ପଡ଼ିବ ।

| | | |
|---|---|---|
| 1. | Stone (per cubic metre) | Rs. 130.00 (Royalty) + Additional Charge |
| 2. | Sand (Per cubic metre) | Rs. 35.00 (Royalty ) + Additional Charge |
| 3. | Surface Rent (Per hact.) | Rs. 360.00 |
| 4. | Dead Rent (per hact.) | Rs. 10500.00 (for sand) |
| 5. | Dead Rent (Per hact.) | Rs. 18000.00 (for Stone) |

୧୩. ଯଦି ଯୋଗ୍ୟ ନିଲାମଧାରୀ ନିଲାମ ସର୍ତ୍ତାବଳୀର ଖିଲାପ କରନ୍ତି ତାହେଲେ *EMD/ Security Deposit* ବାବଦକୁ ଥିବା ଦେୟ ବାଜ୍ୟାପ୍ତି କରାଯିବ ।

୧୪. ଲିଜ୍ ଅବଧି ମଧ୍ୟରେ Odisha Minor Minerals Concession Rules, 2016 ର Schedule-II ରେ ଉଲ୍ଲେଖିତ ଲଘୁଖଣିଜ ଦ୍ରବ୍ୟର ଦରରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜ୍‌ଧାରୀଙ୍କ

ମୂଲ୍ୟାଙ୍କଠାରୁ ଅଧିକ ହୋଇଥାଏ, ତେବେ ଲିଜ୍‌ଧାରୀଙ୍କୁ ବର୍ଦ୍ଧିତ ହାରରେ ରୟାଲଟି ଓ ଅନ୍ୟାନ୍ୟ ଦେୟ ପୈଠ କରିବାକୁ ହେବ ।

୧୪. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ବା ରଦ୍ଦ କରିପାରିବେ ।

୧୫. ଲିଜ୍ ଚୁକ୍ତିନାମା ପରେ ଯଦି କୌଣସି ଲିଜ୍‌ଧାରୀ ନିୟମର ଖିଲାପ ବା ଉଲ୍ଲଂଘନ କରନ୍ତି ତେବେ ଲିଜ୍‌ଧାରୀଙ୍କର ଲିଜ୍ କୁ ରାଜ୍ୟ ସରକାରଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

୧୬. ସାରଣୀ-୧ ରେ ପ୍ରଦର୍ଶିତ କ୍ର. ନଂ ୩, ୪, ୮, ୯, ୧୦ ଏବଂ ୧୧ ସୈରାତ ଉତ୍ସ ଗୁଡ଼ିକର ଲିଜ୍ ଅବଧି ସାରଣୀ-୧ ର ସ୍ତମ୍ଭ ୧୨ ରେ ଦର୍ଶା ଯାଇଛି । ଏହି ଉତ୍ସ ଗୁଡ଼ିକର ଲିଜ୍ ଅବଧି ସମାପ୍ତ ହେବା ପରେ ଏହି ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିବା ଚୂଡ଼ାନ୍ତ ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ସହିତ ଚୁକ୍ତିନାମା ସାକ୍ଷରିତ ନିମ୍ନସାକ୍ଷରକାରୀଙ୍କ ସହିତ କରାହେବ ।

ଲଘୁ ଖଣିଜ ଉତ୍ସଗୁଡ଼ିକର ସମସ୍ତ ସବିଶେଷ ବିବରଣୀ ସାରଣୀ -୧ ରେ ବର୍ଣ୍ଣିତ ହୋଇଅଛି ।

ତହସିଲଦାର, ଲୋଇସିଂହା

ଜ୍ଞାପକ ସଂଖ୍ୟା 403 ତାରିଖ 15-03-2021

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ ଉପ- ଜିଲ୍ଲାପାଳ, ବଲାଙ୍ଗିର/ସମସ୍ତ ତହସିଲଦାର, ଜିଲ୍ଲା ବଲାଙ୍ଗିର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲୋଇସିଂହା, / ରାଜସ୍ୱ ନିରୀକ୍ଷକ, ଲୋଇସିଂହା/କୁଶଙ୍ଗ/ରତାଖଣ୍ଡି/ଯୋଗିସର୍ଦା/ସରଗାଡ଼/ ଝାରମୁଣ୍ଡା, ସମ୍ପୃକ୍ତ ଗ୍ରାମ/ଗ୍ରା. ପ. ସରପଂଚଙ୍କ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା । ଏହାର ନକଲ ସମ୍ବାଦ ପତ୍ରିକା ଓ ସମାଦ ପତ୍ରିକାରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ଲୋଇସିଂହା

ଜ୍ଞାପକ ସଂଖ୍ୟା 404 ତାରିଖ 15-03-2021

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଲୋଇସିଂହା ନୋଟିସ୍ ବୋର୍ଡ/ ତହସିଲ ନାଜିରଙ୍କ ଅବଗତି ଓ ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଲୋଇସିଂହା

ଜ୍ଞାପକ ସଂଖ୍ୟା 405 ତାରିଖ 15-03-2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (DIO, NIC) ବଲାଙ୍ଗିରଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର, ଲୋଇସିଂହା

# ତହସିଲ କାର୍ଯ୍ୟାଳୟ, ଲୋଇସିଂହା

## ଲଘୁ ଖଣିଜ ଉତ୍ସଗୁଡ଼ିକର ବିବରଣୀ

### ବର୍ଷ ୨୦୨୧-୨୨

ସାରଣୀ-୧

| କ୍ର. ନଂ | ଉତ୍ସର ନାମ/ ମୌଜା | ଉତ୍ସର ପ୍ରକାର ଭେଦ | ଜମିର ତପସିଲ | | | | Rate of Royalty (in Rs.) | Minimum rate of Additional Charge to be quoted (in Rs.) | Minimum Guaranteed Quantity (MGQ) (in Cubic Metres) per year | EMD amount fixed (in Rs.) | Lease period over after extension |
|---|---|---|---|---|---|---|---|---|---|---|---|
| | | | ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | | 11 |
| ୧ | ହିରାପୁର | ବାଲି | ୧୧୪ | ୧୩୮୨ | ନଦୀ | ଏ. ୧୨.୩୪୪ ଡି. | ୩୪ | ୦୨ | ୪୪୦୦ | ୧୦୧୨୪ | |
| ୨ | ଛେଲିବାହାଲ | ବାଲି | ୧୧୨ | ୧୦୨୨ | ନଦୀ | ଏ. ୧୨.୩୪୪ ଡି. | ୩୪ | ୦୨ | ୪୦୦୦ | ୯୨୪୦ | |
| ୩ | ବାଙ୍କାପାଲି | ପଥର | ୧୨୦ | ୯୧ | ପଥର ଚଟାଣ | ଏ. ୧.୮୫୦ ଡି. | ୧୩୦ | ୦୨ | ୩୦୭୩ | ୨୦୯୮୨ | ୩୦.୦୯.୨୦୨୧ |
| ୫ | ତଲିଉଦ୍ଦାର | ପଥର | ୨୮୪ | ୧୮୨୯, ୧୨୮୭, ୧୨୯୦ | ପଥର ଚଟାଣ, ଢୁଙ୍ଗୁରୀ | ଏ. ୨.୫୬୦ ଡି. | ୧୩୦ | ୦୨ | ୧୯୭୪ | ୧୩୫୬୦ | |
| ୪ | କୁଶମେଲ | ବାଲି | ୩୩୦ | ୨୧୪୧ | ନଦୀ | ଏ. ୧୨.୩୪୪ ଡି. | ୩୪ | ୦୨ | ୪୪୦୦ | ୧୦୧୨୪ | ୨୪.୧୦.୨୦୨୧ |
| ୬ | ଉପଲଦ୍ଦାର | ପଥର | ୧୫୫ | ୩୨ | ଢୁଙ୍ଗୁରୀ | ଏ. ୨. ୦୦୦ ଡି. | ୧୩୦ | ୦୨ | ୨୨୫୦ | ୧୮୨୨୦ | |
| ୭ | ବରକାନି | ପଥର | ୩୦ | ୧ | ଢୁଙ୍ଗୁରୀ | ଏ. ୧୨.୦୦୦ ଡି | ୧୩୦ | ୦୨ | ୨୦୭୪ | ୧୫୧୫୪ | |
| ୮ | ଲଛବପାଲି ନଂ-୧ | ପଥର | ୩୫ | ୪୯୨ | ପାହାଡ଼ | ଏ. ୧୧.୪୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | ୨୨.୧୧.୨୦୨୧ |
| ୯ | ଲଛବପାଲି ନଂ-୨ | ପଥର | ୩୫ | ୪୯୨ | ପାହାଡ଼ | ଏ. ୧୧.୪୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | ୨୨.୧୧.୨୦୨୧ |
| ୧୦ | ଲଛବପାଲି ନଂ-୩ | ପଥର | ୩୫ | ୨୫୦ | ପାହାଡ଼ | ଏ. ୨.୮୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | ୩୦.୧୧.୨୦୨୧ |
| ୧୧ | ଲଛବପାଲି ନଂ-୫ | ପଥର | ୩୫ | ୭୩୯, ୨୫୦ | ଢୁଙ୍ଗୁରୀ, ପାହାଡ଼ | ଏ. ୧୦.୨୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | ୦୫.୦୨.୨୦୨୧ |
| ୧୨ | ଲଛବପାଲି ନଂ-୪ | ପଥର | ୩୫ | ୪୯୨ | ପାହାଡ଼ | ଏ. ୨.୭୪୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | |
| ୧୩ | ଲଛବପାଲି ନଂ-୬ | ପଥର | ୩୫ | ୪୯୨, ୨୫୦ | ପାହାଡ଼ | ଏ. ୨.୪୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | |
| ୧୫ | ଲଛବପାଲି ନଂ-୮ | ପଥର | ୩୫ | ୨୪୧ | ପାହାଡ଼ | ଏ. ୭.୨୨୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | |
| ୧୪ | ଲଛବପାଲି ନଂ-୯ | ପଥର | ୩୫ | ୨୧୫ | ପାହାଡ଼ | ଏ. ୪.୨୦୦ ଡି. | ୧୩୦ | ୦୨ | ୭୦୦୦ | ୫୨୯୪୦ | |
| ୧୬ | ଢୁମଢୁମି ନଂ-୧ | ପଥର | ୧୬୩ | ୮୪୧ | ଢୁଙ୍ଗୁରୀ | ଏ. ୭.୦୦୦ ଡି. | ୧୩୦ | ୦୨ | ୫୪୦୦ | ୩୦୮୨୪ | |
| ୧୭ | ପଥରାଣି ନଂ-୧ | ପଥର | ୨୮୪ | ୪୮୯ | ଢୁଙ୍ଗୁରୀ | ଏ. ୧୦.୦୦ ଡି. | ୧୩୦ | ୦୨ | ୩୦୨୯ | ୨୦୨୪୦ | |
| ୧୮ | ବଡଲା | ପଥର | ୮୯ | ୭୩୨, ୮୦୨, ୮୦୪, ୮୦୨, ୮୧୦ | ଢୁଙ୍ଗୁରୀ, ପଥର ଚଟାଣ | ଏ. ୮.୨୮୦ ଡି. | ୧୩୦ | ୦୨ | ୨୨୨୦<br>୨୦୨୯ | ୧୨୯୫୨<br>୧୫୨୫୧ | |

(signature) 15.3.21

ତହସିଲଦାର, ଲୋଇସିଂହା